## ସଂକ୍ଷେପରେ

### ୧୦୦ ୟୁନିଟ୍ ରକ୍ତ ସଂଗ୍ରହ



ଓଡ଼ାପଡ଼ା,୨୩।୧୧(ଡି.ଏନ.ଏ.) ହିନ୍ଦୋଳ ଜଗନ୍ନାଥ ପୂଜା କମିଟି ଏବଂ ଅନୁଗୋଳ ରେଡ୍‌କ୍ରସ୍‌ର ମିଳିତ ସହଯୋଗରେ ଗୁରୁବାର ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏଥିରେ ମୋଟ ୧୦୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷ ପ୍ରିୟରଞ୍ଜନ ମାହୁନ୍ତ, କନ୍ତିମିଳି ସରପଞ୍ଚ ସୁନୀତା ପ୍ରଧାନ, ସମିତିସଭ୍ୟ ଗଣେଶ୍ୱର ସେଠୀ, ଦୁଃଖବନ୍ଧୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। କମିଟିର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଭାଗବତ ସପ୍ତାହ ଉଦ୍‌ଯାପିତ

ଓଡ଼ାପଡ଼ା, ୨୩।୧୧(ଡି.ଏନ.ଏ.)- ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ଘଣାଶାଳ ସାହିରେ ସପ୍ତାହବ୍ୟାପୀ ଚାଲିଥିବା ଭାଗବତ ସପ୍ତାହ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଗ୍ରାମର ଆରାଧ ଦେବତା ମଦନମୋହନଙ୍କୁ ବିମାନରେ ଗ୍ରାମ ପରିକ୍ରମା କରାଯିବାସହ କୋଠଘରେ ସ୍ଥାପନ କରାଯାଇଥିଲା। ଭାଗବତ ପାଠ, ସଂକୀର୍ତ୍ତନରେ ଗ୍ରାମରେ ସୃଷ୍ଟି ହୋଇଥିଲା ଭକ୍ତିମୟ ପରିବେଶ। ପ୍ରସନ୍ନ ନାୟକ କର୍ତ୍ତା ଦାୟିତ୍ୱ ତୁଲାଇଥିବାବେଳେ ପଞ୍ଚାନନ ସାହୁ, ସୁଧୀର ସାହୁ ଭାଗବତ ପାଠ କରିଥିଲେ। ଗ୍ରାମ ସଭାପତି ବିଭୂତି ଭୂଷଣ ନାୟକଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଆର୍ଥିକ ସାକ୍ଷରତା କର୍ମଶାଳା

ଢେଙ୍କାନାଳ ଅଫିସ,୨୩।୧୧- ହିନ୍ଦୋଳ ବ୍ଲକ ବାବନ୍ଧସ୍ଥିତ ମୀନକେତନ ବିଦ୍ୟାପୀଠରେ ଗୁରୁବାର ଆର୍ଥିକ ସାକ୍ଷରତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁକାନ୍ତ ମାଝିଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ସରପଞ୍ଚ ମୀନାକ୍ଷୀ ସାମଲ ଉପସ୍ଥିତ ଥିଲେ। ସେବି ମାନ୍ୟତାପ୍ରାପ୍ତ ପ୍ରଶିକ୍ଷକ ପ୍ରଦ୍ୟୁମ୍ନ ରଥ ଯୋଗଦେଇ ଚିଟ୍‌ଫଣ୍ଡ୍ ଠକେଇର କାରଣ ଓ ପ୍ରତିକାର, ଏଟିଏମ୍ କାର୍ଡର ସୁରକ୍ଷା, ବ୍ୟାଙ୍କ, ଡାକଘର, ମ୍ୟୁଚୁଆଲ୍ ଫଣ୍ଡରେ ସୁରକ୍ଷିତ ବିନିଯୋଗ, ସଞ୍ଚୟ ଉପରେ ମୁଦ୍ରାସ୍ଫୀତିର ପ୍ରଭାବ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଶତାଧିକ ଛାତ୍ରଛାତ୍ରୀ ଏବଂ ଅଭିଭାବକ ଉପସ୍ଥିତ ଥିଲେ।

### ଆକର୍ଷଣ ସାଜିଲେ ବେଶଧାରୀ

ଭୁବନ, ୨୩।୧୧(ଡି.ଏନ.ଏ.) ଭୁବନର ପ୍ରସିଦ୍ଧ ବୁଦ୍ଧେଶ୍ୱର ଶୈବପୀଠରେ ଶୁକ୍ରବାର ଧୁମ୍‌ଧାମ୍‌ରେ ପାଳିତ ହୋଇଛି କାର୍ତ୍ତିକ ପୂର୍ଣ୍ଣିମା ମହୋତ୍ସବ ଏବଂ ବାଲିଯାତ୍ରା। ଶ୍ରଦ୍ଧାଳୁମାନେ ବ୍ରାହ୍ମଣୀ ନଦୀରେ ବୁଡ଼ ପକାଇ, ବୋଇତ ବନ୍ଦାଣପୂର୍ବକ ଠାକୁର ଦର୍ଶନ କରିଥିଲେ। ଏହି ଅବସରରେ ପ୍ରମୁଖ ଆକର୍ଷଣ ସାଜିଥିଲା ତୈଳିକ ବୈଶ୍ୟ ସମାଜ ପକ୍ଷରୁ ଆୟୋଜିତ ବୋଇତ ବନ୍ଦାଣ ଉତ୍ସବ। ସାଧବପୁଅ ବେଶଧାରୀ ଯୁବକଙ୍କୁ ବନ୍ଦାପନା କରାଯାଇଥିଲା। ଅପରାହ୍ନରେ ଅଞ୍ଚଳର କଳାକାରଙ୍କୁ ନେଇ ନୃତ୍ୟସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଅତିଥିଭାବେ ଯୋଗଦେଇ ଏପରି ଗରିମାମୟ ସଂସ୍କୃତିକୁ ଆଗକୁ ନେବାକୁ ଆହ୍ୱାନ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଅଞ୍ଚଳର ବିକାଶମୂଳକ କାର୍ଯ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇ ଆସୁଥିବା ବାସୁଦେବ ବେହେରା, ସୁଧାକର ସାହୁ, କୃଷ୍ଣଚନ୍ଦ୍ର ସାହୁ, ଶୁଭେନ୍ଦୁ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ଗ୍ରାମେଶ୍ୱରୀ ପାଲାମଣ୍ଡପ ଉଦ୍‌ଘାଟିତ



ପରଜଙ୍ଗ, ୨୩।୧୧(ଡି.ଏନ୍.ଏ.) ପରଜଙ୍ଗ ପଞ୍ଚାୟତ ଜହ୍ନାପଡ଼ା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଗ୍ରାମେଶ୍ୱରୀ ଠାକୁରାଣୀଙ୍କ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ଆମ ଗାଁ, ଆମ ବିକାଶ' କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଗ୍ରାମେଶ୍ୱରୀ ପାଲା ମଣ୍ଡପକୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଡା. ନୃସିଂହ ଚରଣ ସାହୁ ଉଦ୍‌ଘାଟନ କରିଥିଲେ। ବ୍ଲକ ଅଧକ୍ଷ ଅକ୍ଷୟ ବେହେରା, ଯୁବ ବିଜେଡି ସଭାପତି ସୁବ୍ରତ ଦାସ, ସରପଞ୍ଚ ପ୍ରିୟଜିତ୍ ସାମଲ, ଦୁଃଶାସନ ବିଶ୍ୱାଳ, ସମିତିସଭ୍ୟ ମୀନକେତନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ବାର୍ଷିକ ଉତ୍ସବ ଉପଲକ୍ଷେ ଗ୍ରାମବାସୀଙ୍କ ସହଯୋଗରେ ନାମସଂକୀର୍ତ୍ତନ, ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

## ପଣ୍ଡିମେଶ୍ୱର ପୀଠରେ କାର୍ତ୍ତିକ ପୂର୍ଣ୍ଣିମା ଯାତ୍ରା

# ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ

ଭାପୁର, ୨୩।୧୧(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ସଦର ବ୍ଲକ ଛଦେଶ ଅଞ୍ଚଳର ଆରାଧ ଦେବତା ଶ୍ରୀ ପଣ୍ଡିମେଶ୍ୱର ମହାଦେବଙ୍କ ପୀଠରେ ଶୁକ୍ରବାର ପାଳିତ ହୋଇଛି ପ୍ରସିଦ୍ଧ କାର୍ତ୍ତିକ ପୂର୍ଣ୍ଣିମା ଯାତ୍ରା। ରାଜ୍ୟର ବିଭିନ୍ନ ସ୍ଥାନରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସକାଳ ୭ଟାରେ ଠାକୁରଙ୍କ ଚଳନ୍ତି ପ୍ରତିମାକୁ ଶୋଭାଯାତ୍ରାରେ ସାପୁଆ ନଦୀକୂଳ ଆଡ଼ପ ମଣ୍ଡପକୁ ନିଆଯାଇଥିଲା। ହରିବୋଲ, ହୁଳହୁଳି, ନାମ

- ପୁରୁଣାକଟକ-ସମ୍ବଲପୁର ରାସ୍ତା ଜାମ୍
- ୨ ଘଣ୍ଟା ଟ୍ରାଫିକ୍‌ରେ ଫସିଲେ ଯାତ୍ରୀ
- ବାଦ୍ ପଡ଼ିଲାନି ଆମ୍ବୁଲାନ୍ସ, ଦମକଳ ଗାଡ଼ି
- ଭିଡ଼ ନିୟନ୍ତ୍ରଣରେ ପୋଲିସ, ପ୍ରଶାସନ ବିଫଳ

ସଂକୀର୍ତ୍ତନରେ ପ୍ରକମ୍ପିତ ହୋଇଉଠିଥିଲା ସମଗ୍ର ଅଞ୍ଚଳ। ଶୃଙ୍ଖଳିତ ଦର୍ଶନ ଏବଂ ଭିଡ଼ ପରିଚାଳନା ଲାଗି ମନ୍ଦିର କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ହେଲେ ପୁରୁଣା କଟକ-ସମ୍ବଲପୁର ରାସ୍ତା ପାର୍ଶ୍ୱରେ ଉଠାଦୋକାନୀଙ୍କ ଭିଡ଼ ଦୀର୍ଘ ୨ ଘଣ୍ଟା ଧରି ଟ୍ରାଫିକ୍ ସମସ୍ୟା ସୃଷ୍ଟି କରିଥିଲା। ମୁତୟନ ହୋଇଥିବା ୧ ପ୍ଲାଟୁନ୍ ଫୋର୍ସ ଭିଡ଼ ନିୟନ୍ତ୍ରଣ କରିବାରେ ବିଫଳ ହୋଇଥିଲା।

ପୁରୁଣାକଟକ-ସମ୍ବଲପୁର ରାସ୍ତାର ୧୦୦ ମିଟର ଦୂରରେ ରହିଛି ପଣ୍ଡିମେଶ୍ୱର ଶୈବପୀଠ। ୨୦୧୪ରେ ଉକ୍ତ ରାସ୍ତା ୨ଲେନ୍ ବିଶିଷ୍ଟ ହେବା ପରେ ହଜାର ହଜାର ଯାନବାହନ ଯାତାୟାତ କରୁଛି। କାର୍ତ୍ତିକ ପୂର୍ଣ୍ଣିମା ଯାତ୍ରାରେ ପୀଠକୁ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥାଏ। ଏ ବିଷୟରେ ଅବଗତ ଥିବା ସତ୍ତ୍ୱେ ଦେବୋତ୍ତର ବିଭାଗ କିମ୍ବା ପ୍ରଶାସନ ପକ୍ଷରୁ ଟ୍ରାଫିକ୍ ପରିଚାଳନା ଲାଗି ସେପରି ଆଖିଦୃଶିଆ ବ୍ୟବସ୍ଥା କରାଯାଇ ନ ଥିଲା। ଫଳରେ ସବୁବର୍ଷ ପରି ଚଳିତବର୍ଷ ମଧ୍ୟ ରାସ୍ତା ଜାମ୍ ପାଇଁ ଅସୁବିଧା ଭୋଗିଥିଲେ ଯାତ୍ରୀ। ମଧ୍ୟାହ୍ନ ୧୨ଟା ପରେ ବାଲ୍ୟାମ୍ବା-ସାପୁଆ ବ୍ରିଜ୍-ଅଚଳକୋଟ-ଭିରୁଡ଼ା ଗ୍ରାମ ଦେଇ ବାଇପାସ୍ ବ୍ୟବସ୍ଥା କରାଯାଇଥିଲା। ହେଲେ ମୁଖ୍ୟରାସ୍ତାର ୨କିମି ଯାଏ ଲମ୍ବିଥିଲା ଗାଡ଼ିମୋଟର। ଦମକଳ ଗାଡ଼ି, ଆମ୍ବୁଲାନ୍ସ ମଧ୍ୟ ଏଥିରୁ ବାଦ୍ ପଡ଼ି ନ ଥିଲା।

ଅନୁଗୋଳରୁ ରୋଗୀଙ୍କୁ ନେଇ କଟକ ଏବଂ ଭୁବନେଶ୍ୱର ଯାଉଥିବା ୪ ଆମ୍ବୁଲାନ୍ସ ଭିଡ଼ ପାର ହେବାକୁ ସଂଘର୍ଷ କରୁଥିଲେ ମଧ୍ୟ ସମସ୍ତେ ନିରୁପାୟ ହୋଇପଡ଼ିଥିଲେ। ଅକ୍ସିଜେନ୍ ସହାୟତାରେ ଗୁରୁତର ଅବସ୍ଥାରେ ଅନୁଗୋଳରୁ କଟକ ସ୍ଥାନାନ୍ତର ହେଉଥିବା ନରେଶ ଚନ୍ଦ୍ର ଦାସ ନାମକ ଜଣେ ରୋଗୀଙ୍କ ସମ୍ପର୍କୀୟ ଏଥିଲାଗି ପ୍ରଶାସନକୁ ଦାୟୀ କରିଛନ୍ତି। ସେହିପରି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଭୁବନେଶ୍ୱର ଯାଉଥିବା ରମେଶ ଚନ୍ଦ୍ର ମହାରଣାଙ୍କୁ ମଧ୍ୟ ନିରାଶ ହେବାକୁ ପଡ଼ିଥିଲା। ସେ ଉକ୍ତ କାର୍ଯ୍ୟ ବାତିଲ କରିଦେଇଥିବା କହିଛନ୍ତି। ପ୍ରଶାସନର ଦୂରଦୃଷ୍ଟିର ଅଭାବ ଲାଗି ଏପରି ଅସୁବିଧା ହୋଇଥିବା ସାଧାରଣରେ ମତପ୍ରକାଶ ପାଇଛି।



ଟ୍ରାଫିକ୍ ସମସ୍ୟା ଯୋଗୁ ପୁରୁଣାକଟକ-ସମ୍ବଲପୁର ରାସ୍ତାରେ ଯାତ୍ରୀମାନେ ଫସି ରହିଛନ୍ତି।



ସୁସଜ୍ଜିତ ବୋଇତରେ ସାଧବପୁଅ ବେଶଧାରୀ ଯୁବକଙ୍କୁ ବନ୍ଦାପନା କରାଯାଉଛି।

## ତୈଳିକ ବୈଶ୍ୟସମାଜର ବୋଇତ ବନ୍ଦାଣ

# ଉଜ୍ଜୀବିତ ହେଲା ଅତୀତର ଗାଥା

ଓଡ଼ାପଡ଼ା, ୨୩।୧୧(ଡି.ଏନ.ଏ.)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଖଡଗ୍‌ପ୍ରସାଦରେ ତୈଳିକ ବୈଶ୍ୟ ସମାଜ ପକ୍ଷରୁ ବ୍ରାହ୍ମଣୀ ନଦୀ ତଟବର୍ତ୍ତୀ ଦୋଳଗୋବିନ୍ଦ ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଯାଇଛି। ନଗର ଭ୍ରମଣ ପରେ ନଦୀଘାଟରେ ଥିବା ସୁସଜ୍ଜିତ ବୋଇତକୁ କୁଳବଧୂମାନେ ବନ୍ଦାପନା କରିଥିଲେ। ଏହାପରେ ସାଧବପୁଅ ବେଶରେ ସଜ୍ଜିତ ହୋଇଥିବା ଯୁବକମାନେ ବୋଇତରେ ବସି ଅତୀତର ଗୌରବମୟ ସ୍ମୃତି ରୋମନ୍ଥନ କରିଥିଲେ।

ପୂର୍ବାହ୍ନ ୧୧ଟାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ, ମୁଖ୍ୟବକ୍ତା ଶାନ୍ତନୁ ସର ଯୋଗଦେଇ ସାଧବ ପୁଅଙ୍କ ଗୌରବମୟ ଗାଥା ଓଡ଼ିଆ ଜାତିର ଅସ୍ମିତା ବୋଲି ମତବ୍ୟକ୍ତ କରିଥିଲେ। ସରପଞ୍ଚ ନରୋତ୍ତମ ରାଉତ, ସରପଞ୍ଚ ମାଳାଞ୍ଜଳି ସାହୁ, ପ୍ରବାଚକ କୃଷ୍ଣଚନ୍ଦ୍ର ନାୟକ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହେବାସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶତାୟୁ ବୃଦ୍ଧା ତଅପୋଇ ସାହୁ, ବୟୋଜ୍ୟେଷ୍ଠ ବ୍ୟକ୍ତି ସଚ୍ଚିଦାନନ୍ଦ ସାହୁ ସମ୍ବର୍ଦ୍ଧିତ ହୋଇଥିଲେ।

ସଭାପତି ଗୁରୁବାରୀ ସାହୁ, ଉପସଭାପତି ଲଛମନ ସାହୁ, ସାଧାରଣ ସମ୍ପାଦକ ପ୍ରମୋଦ ସାହୁ, ଉପଦେଷ୍ଟା ସଞ୍ଜୟ ସାହୁ, ବିନୋଦ ସାହୁ, ପର୍ଶୁରାମ ସାହୁ, ତ୍ରିନାଥ ସାହୁ, ବନମାଳୀ ସାହୁ, ଉତ୍ତାନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜିଲା କଂଗ୍ରେସର ନୂତନ କର୍ମକର୍ତ୍ତା

# ୧୪ ଉପସଭାପତି, ୨୧ ସାଧାରଣ ସମ୍ପାଦକ

ଢେଙ୍କାନାଳ ଅଫିସ,୨୩।୧୧

ଢେଙ୍କାନାଳ ଜିଲା କଂଗ୍ରେସର ନୂତନ କର୍ମକର୍ତ୍ତାଙ୍କ ନାମ ପ୍ରକାଶ ପାଇଛି । ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଜିଲା ସଭାପତି ସୁରେଶ ଚନ୍ଦ୍ର ପାଣିଗ୍ରାହୀ ଏହି ତାଲିକା ଘୋଷଣା କରିଛନ୍ତି। ଏଥିରେ ୧୪ ଉପସଭାପତି, ୨୧ ସାଧାରଣ ସମ୍ପାଦକ ଏବଂ ୩୩ ଜଣ ସମ୍ପାଦକ ଅଛନ୍ତି।

ଉପସଭାପତି ଭାବେ ବିନୟ ସାହୁ, ଚକ୍ରଧର ନାୟକ, ପ୍ରକାଶ କୁଅଁର, ଶେଖ୍ ନାସେର ଅହମ୍ମଦ ଅଲ୍ଲୀ, ଡମ୍ବରୁଧର ସେଠୀ, ଗୋପାଳ ଚନ୍ଦ୍ର ସାହୁ, ନଟବର ସାହୁ, ସନ୍ତୋଷ ରାଉତ, ଦୁଃଖବନ୍ଧୁ ପଣ୍ଡା, ମଳୟ ଜେନା, ପ୍ରଭୁଦତ୍ତ ଭଟ୍ଟ, ବିଶ୍ୱଜିତ ସାହୁ, ବିମ୍ବାଧର ଧଳ, ଦ୍ୱିତୀ ରଞ୍ଜନ ବରାଳ ରହିଛନ୍ତି। ସାଙ୍ଗଠନିକ ସମ୍ପାଦକ ଓ କୋଷାଧକ୍ଷ ଭାବେ ରୁଦ୍ରପ୍ରସନ୍ନ ଶରଣ, ମୁଖପାତ୍ର ଡା. ତୁଷାରକାନ୍ତି ନାୟକ, ସଂଖ୍ୟାଲଘୁ ସେଲ୍ ଅଧକ୍ଷ ବାବୁ ଖାଁ, ସମ୍ପାଦକ ସାବିର ଖାଁ, ଆଇନସେଲ୍ ଅଧକ୍ଷ ପଙ୍କଜଲୋଚନ ସାହୁ, ସମ୍ପାଦକ ଟଙ୍କଧର ବେହେରା, ପ୍ରଚାର କମିଟି ଅଧକ୍ଷ ଭାବେ ନିର୍ମଳ ମିଶ୍ରଙ୍କୁ ଦାୟିତ୍ୱ ଦିଆଯାଇଛ। ଢେଙ୍କାନାଳ ଟାଉନ କଂଗ୍ରେସ ସଭାପତି ଭାବେ ରଞ୍ଜନ ନାୟକ, କାମାକ୍ଷାନଗର ଏନ୍‌ଏସି ସଭାପତି କାମାକ୍ଷା ପ୍ରସାଦ ପଣ୍ଡା, ଭୁବନ ଏନ୍‌ଏସି ସଭାପତି ମନୋଜ ସାହୁ, ହିନ୍ଦୋଳ ଏନ୍‌ଏସି ସଭାପତି ଭାବେ ସୁରେନ୍ଦ୍ରମୋହନ ପଟ୍ଟନାୟକଙ୍କୁ ମନୋନୀତ କରାଯାଇଛ।

ସ୍ୱତନ୍ତ୍ର ସଭ୍ୟଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ କାମାକ୍ଷା ପ୍ରସାଦ ସିଂଦେଓ, ପୂର୍ବତନମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ଭଞ୍ଜ, ମହେଶ୍ୱର ନାୟକ, ପିସିସି ମହିଳା କଂଗ୍ରେସ ଉପସଭାପତି ସୁବାସିନୀ ମହାକୁଡ, ପୂର୍ବତନ ନଗରପାଳ ଶ୍ରୀଧର ସାହୁ, ରବିନାରାୟଣ ମହାନ୍ତି, ଶରତ ଧଳ, ପୂର୍ଣ୍ଣଚନ୍ଦ୍ର ଜେନା, ଦେବରାଜ ବରାଳ, କାଳିନ୍ଦୀ ସାହୁ, ଅଦ୍ୱୈତ ବିଶ୍ୱାଳ, କାଳିନ୍ଦୀ କଅଁର, ରବିନାରାୟଣ ପଣ୍ଡା, ସିଦ୍ଧେଶ୍ୱରୀ ପ୍ରସାଦ ମିଶ୍ର, ଶାନ୍ତନୁ ସାହୁ, ସମରେନ୍ଦ୍ର ନନ୍ଦ, ଉମାକାନ୍ତ ପଟ୍ଟନାୟକ, ନିରୂପମା ଦାସ, ମହମ୍ମଦ ସୋନୁ, ତରୁଣ କୁମାର ମିଶ୍ରଙ୍କୁ ମନୋନୀତ କରାଯାଇଥିବା ଜିଲା ସଭାପତି ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି ।

## ୩୬ତମ ବୋଇତ ବନ୍ଦାଣ ଉତ୍ସବ

# ସାଧବମାନେ ବିଦେଶରେ ବାଣ୍ଟୁଥିଲେ କଳାସଂସ୍କୃତି

ଢେଙ୍କାନାଳ ଅଫିସ, ୨୩।୧୧

ଢେଙ୍କାନାଳ ସନ୍ଧ୍ୟାତାରା ସାହିତ୍ୟ ସଂସଦ ପକ୍ଷରୁ ୩୬ତମ ବୋଇତବନ୍ଦାଣ ଉତ୍ସବ ଭାଗୀରଥି ସାଗର (ନୂଆପୋଖରୀ)ରେ ଶୁକ୍ରବାର ଭୋର ସାଢ଼େ ୪ଟାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ନୃତ୍ୟସଙ୍ଗୀତର ଆସର ହୋଇଥିଲା। ସାଧବ ବୋହୂ ଏବଂ ସାଧବ ପୁଅ ବେଶରେ ସଜ୍ଜିତ ହୋଇଥିବା ଶତାଧିକ କୁନିକୁନି ପିଲା ସାଜିଥିଲେ ଉତ୍ସବର ଅନ୍ୟତମ ଆକର୍ଷଣ।

ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ କାମାକ୍ଷା ପ୍ରସାଦ ସିଂଦେଓ କହିଲେ, କଳିଙ୍ଗର ଐତିହ୍ୟ, ସଂସ୍କୃତି, ପରମ୍ପରା ଏବେ ବି ବହୁ ଉର୍ଦ୍ଧ୍ୱରେ। ବାଣିଜ୍ୟ ପାଇଁ ଯାଉଥିବା ସାଧବ ପୁଅମାନେ ଇଣ୍ଡୋନେସିଆ, ବାଲି, ଜାଭା ଆଦି ଦେଶରେ ପରମ୍ପରା, କଳାସଂସ୍କୃତିର ପ୍ରଚାର କରୁଥିଲେ । ସମ୍ମାନିତ ଅତିଥି ପୂର୍ବତନ ନଗରପାଳ ସୁଧାଂଶୁ କୁମାର ଦଳେଇ କହିଲେ, ପରମ୍ପରାରେ ସମୃଦ୍ଧ ରାଜ୍ୟ ହେଉଛି ଓଡ଼ିଶା। ବୋଇତବନ୍ଦାଣ ପରମ୍ପରା ଓଡ଼ିଆ ଜାତିର ଐତିହ୍ୟକୁ ଉଜ୍ଜୀବିତ କରିପାରିଛି। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାର ଅବିକଳ ନମୁନା ପ୍ରଦର୍ଶନ କରାଯାଇଥିବାବେଳେ ଗୌରବମୟ ଇତିହାସର ସ୍ମୃତିକୁ ମନେପକାଇଥିଲେ ଅତିଥି।

ଏହି ଉପଲକ୍ଷେ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସାଧବ ବୋହୂମାନେ ସାଧବ ପୁଅଙ୍କୁ ବନ୍ଦାପନା କରିଥିଲେ। ସାହିତ୍ୟ ସଂସଦର ସମ୍ପାଦକ ଶରତ ମିଶ୍ରଙ୍କ ସମେତ ଅନ୍ୟ ସଦସ୍ୟମାନେ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




କାର୍ଯ୍ୟକ୍ରମରେ ବେଶଧାରୀ ପିଲାମାନେ।

### ବିଏସ୍‌ଏନ୍‌ଏଲ୍ ବିଭ୍ରାଟ

ଢେଙ୍କାନାଳ ଅଫିସ, ୨୩।୧୧

ଢେଙ୍କାନାଳରେ ମାସେ ହେଲା ବିଏସ୍‌ଏନ୍‌ଏଲ୍ ସେବାରେ ବ୍ୟାପକ ବିଭ୍ରାଟ ଲାଗିରହିଛି। ଦୈନିକ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଏପରି ସମସ୍ୟା ଯୋଗୁ ସରକାରୀ ଏବଂ ବେସରକାରୀ କାର୍ଯ୍ୟ ପ୍ରଭାବିତ ହେଉଛି। ବ୍ରଡ୍‌ବ୍ୟାଣ୍ଡ, ମୋବାଇଲ, ଲ୍ୟାଣ୍ଡ ଲାଇନ୍ ଟେଲିଫୋନ କାର୍ଯ୍ୟ କରୁ ନ ଥିବାରୁ ଜରୁରିକାଳୀନ ସେବା ବାଧାପ୍ରାପ୍ତ ହେଉଛି। ଏହାର କାରଣ ଜାଣିବାକୁ ଚେଷ୍ଟା କଲେ ଅଧିକାରୀମାନେ ଧରାଛୁଆଁ ଦେଉନାହାନ୍ତି। ଶୁକ୍ରବାର ଅପରାହ୍ନ ୫ଟାରୁ ରାତି ୮ଟା ଯାଏ ବିଏସ୍‌ଏନ୍‌ଏଲ ନେଟ୍‌ୱର୍କ ବନ୍ଦ ରହିଥିଲା। ଏହାକୁ ନେଇ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

**SAHARAYN UNIVERSAL MULTIPURPOSE SOCIETY LIMITED**
(Formerly known as Saharayn E-Multipurpose Society Limited)
(Regd. No.-MSCS/CR/935/2014)
195, Zone -1, In front of D.B. Mall, M.P. Nagar, Bhopal, Madhya Pradesh- 462011

**NOTICE**

A SPECIAL GENERAL MEETING OF THE MEMBERS OF SAHARAYN UNIVERSAL MULTIPURPOSE SOCIETY LIMITED IS SCHEDULED TO BE HELD AT 11.00 A.M. ON, THE 10th DAY OF DECEMBER, 2018 AT 195, ZONE-1, IN FRONT OF D.B. MALL, M.P. NAGAR, BHOPAL, MADHYA PRADESH-462011.

BUSINESS ON AGENDA :

1. To consider and approve subsidiary rules for constituting a smaller representative General Body of Saharayn Universal Multipurpose Society Limited.
2. Any other item with the permission of the Chair.

Place: Bhopal
Date: 16.11.2018

By order of the Board
For Saharayn Universal Multipurpose Society Limited
-Sd-
Managing Director

Note: Please note that if there is no quorum within half an hour of the time fixed for the scheduled meeting, the meeting shall be adjourned and the adjourned meeting shall be held at 11:30 am on the same day i.e. 10th December, 2018 to transact the agenda items as aforesaid and that no quorum shall be necessary for transacting the business in the adjourned meeting so held.

## ଦ୍ୱିତୀୟ ବାଲିଯାତ୍ରା ଲୋକ ମହୋତ୍ସବ

# ଅନନ୍ତଶୟନ ପୀଠ ଉତ୍ସବମୁଖର




ମହୋତ୍ସବରେ ଖୋଲିଥିବା ସଂଗ୍ରହାଳୟକୁ ସାଧବ ବୋହୂମାନେ ବୁଲି ଦେଖୁଛନ୍ତି।

ପରଜଙ୍ଗ, ୨୩।୧୧(ଡି.ଏନ୍.ଏ.)

ପରଜଙ୍ଗ ବ୍ଲକ ସରାଙ୍ଗସ୍ଥିତ ଅନନ୍ତ ଶୟନ ପୀଠରେ ଆରମ୍ଭ ହୋଇଥିବା ଦ୍ୱିତୀୟ ବାଲିଯାତ୍ରା ଲୋକ ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ହଜାର ହଜାର ଦର୍ଶକଙ୍କ ସମାଗମ ହୋଇଥିବାବେଳେ ପୀଠ ପରିସର ହୋଇଉଠିଥିଲା ଉତ୍ସବମୁଖର।

ଉଦ୍‌ଯାପନୀ ଦିବସରେ ବ୍ରାହ୍ମଣୀ ନଦୀପଠାରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମରେ ପ୍ରମୁଖ ଆକର୍ଷଣ ସାଜିଥିଲେ ସାଧବ ପୁଅ, ସାଧବାଣୀ ବେଶଧାରୀ ଯୁବତୀଯୁବକ। ସରାଙ୍ଗ ଶିଶୁ ମନ୍ଦିରର ଛାତ୍ରୀଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ, ଭଜନ ପରିବେଷଣ ଏବଂ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆଇଜିଆଇଟିର ରଞ୍ଜନ କୁମାର ଶ୍ରୀଚନ୍ଦନରାୟଙ୍କ ଦ୍ୱାରା ଗ୍ରାମୀଣ ସଂଗ୍ରହାଳୟ ଖୋଲାଯାଇଥିଲା। ଦ୍ୱିତୀୟ ସନ୍ଧ୍ୟାରେ ଅତିଥି ଭାବେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଡା. ନୃସିଂହ ଚରଣ ସାହୁ, ବ୍ଲକ ଅଧକ୍ଷ ଅକ୍ଷୟ ବେହେରା ପ୍ରମୁଖ ଯୋଗଦେଇଥିଲେ।

ସେହିପରି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥିଭାବେ ନବୋଦୟ ବିଦ୍ୟାଳୟ ଅଧକ୍ଷ ନୃସିଂହ ଚରଣ କର, ସମ୍ମାନିତ ଅତିଥି ବ୍ଲକ ବିଜେଡି ସଭାପତି କୃଷ୍ଣଚନ୍ଦ୍ର ମହାନ୍ତି, ସରପଞ୍ଚ ଧରିତ୍ରୀ ମହାଲିକ, ସମିତିସଭ୍ୟ ରବି ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଲୋକମହୋତ୍ସବ ସଭାପତି ସୁଶାନ୍ତ ସିଂ, ସମ୍ପାଦକ ଅଜିତ ପ୍ରଧାନ, ମୀରେନ୍ଦ୍ର ସିଂ, ସନ୍ତୋଷ ସିଂ, ଛବୀନ୍ଦ୍ର ରଣା, ଶିବୁ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବାଲିଯାତ୍ରାରେ ବିଭିନ୍ନ ସାମଗ୍ରୀର ପସରା ଖୋଲିଛି। ମିନାବଜାରରେ ଅସମ୍ଭାଳ ଭିଡ଼ ପରିଲକ୍ଷିତ ହୋଇଥିଲା।

### ଶ୍ରୀଚନ୍ଦ୍ରଶେଖରଙ୍କ ରାଜରାଜେଶ୍ୱର ବେଶ

ଢେଙ୍କାନାଳ ଅଫିସ, ୨୩।୧୧

ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ କପିଳାସ ଅଧିଶ୍ୱର ଶ୍ରୀ ଚନ୍ଦ୍ରଶେଖରଜୀଉ ରାଜରାଜେଶ୍ୱର ବେଶରେ ଦର୍ଶନ ଦେଇଥିଲେ। ପ୍ରାତଃ ସମୟରୁ ନୀତିକାନ୍ତି ସରିବା ପରେ ପୂର୍ବାହ୍ନ ୯ଟାରୁ ଆରମ୍ଭ ହୋଇଥିଲା ଠାକୁରଙ୍କ ଦର୍ଶନ। ଚଳିତ ବର୍ଷ ୪୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଦିଅଁ ଦର୍ଶନସହ ପ୍ରସାଦ ସେବନ କରିଥିଲେ ସଭିଏଁ। ସେହିପରି କାର୍ତ୍ତିକ ପୂର୍ଣ୍ଣିମା ଲାଗି ଜିଲାର ସମସ୍ତ ଦେବଦେବୀ ପୀଠରେ ସକାଳୁ ସନ୍ଧ୍ୟାଯାଏ ଲମ୍ବାଧାଡ଼ି ଦେଖିବାକୁ ମିଳିଥିଲା।

### କୂଅରେ ପଡ଼ି ଯୁବକ ମୃତ

ପରଜଙ୍ଗ, ୨୩।୧୧(ଡି.ଏନ.ଏ.)

ପରଜଙ୍ଗ ଥାନା ସାଆନ୍ଦା ଫାଣ୍ଡି ଅଧୀନ ପାଟରପଦା ପଞ୍ଚାୟତ କଟାବାହଳ ଗ୍ରାମର ବଇଁଶୀ ସାହୁଙ୍କ ଖୋଲାକୂଅରେ ଖସିପଡ଼ି ଜଣେ ଯୁବକ ପ୍ରାଣ ହରାଇଛନ୍ତି। ମୃତକ ହେଲେ ମେଣ୍ଢାପଦା ଗ୍ରାମର ନିବାରଣ ବିଶ୍ୱାଳ (୨୫)। ରାସପୂର୍ଣ୍ଣିମା ଦେଖିବାକୁ ଯାଇଥିବାବେଳେ ଅନ୍ଧାରରେ ନିବାରଣ କୂଅରେ ଖସିପଡ଼ିଥିଲେ। ସ୍ଥାନୀୟ ବାସିନ୍ଦାଙ୍କଠାରୁ ସୂଚନା ପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ଏ ନେଇ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।



# ପୂର୍ଣ୍ଣିମାରେ ଭକ୍ତିମୟ ଅନୁଗୋଳ ସହର

**ଅନୁଗୋଳ ଅଫିସ, ୨୩।୧୧**

କାର୍ତ୍ତିକ ପୂର୍ଣ୍ଣିମା ପାଇଁ ଶୁକ୍ରବାର ଭୋର ସମୟରୁ ହିଁ ଅନୁଗୋଳ ସହର ଚଳଚଞ୍ଚଳ ହୋଇଉଠିଥିଲା। ରାତି ନ ପାହୁଣୁ ବିଭିନ୍ନ ଜଳାଶୟରେ ଡଙ୍ଗା ଭସାଇବା ପାଇଁ ଲୋକମାନଙ୍କ ଯେତିକି ଗହଳି ଆରମ୍ଭ ହୋଇଥିଲା ମନ୍ଦିରମାନଙ୍କରେ ମଧ୍ୟ ସେତିକି ଭିଡ଼ ଦେଖିବାକୁ ମିଳିଥିଲା। ବିଶେଷକରି ଶୈବାଳୟଗୁଡ଼ିକ ଭକ୍ତିମୟ ହୋଇଉଠିଥିଲା। ସହରର ଜଗନ୍ନାଥ ମନ୍ଦିର ସମ୍ମୁଖରେ ଥିବା ନାରାୟଣ ସାଗର ପୁଷ୍କରିଣୀ ଠାରେ ଭୋର ୪ଟାରୁ ଭିଡ଼ ଜମିଥିଲା। ହାତରେ ଡଙ୍ଗା ସହ ପାନ, ଗୁଆ, ମହମବତି ଧରି ହଜାର ହଜାର ଶ୍ରଦ୍ଧାଳୁ ପହଞ୍ଚି ଯାଇଥିଲେ। ସେହିପରି ଅନ୍ୟ ଜଳାଶୟ ଗୁଡ଼ିକରେ ମଧ୍ୟ ସମାନ ଚିତ୍ର ଦେଖିବାକୁ ମିଳିଥିଲା। ପିଲାଙ୍କ ହାତରେ ରଙ୍ଗ ବେରଙ୍ଗର ଡଙ୍ଗା ସହ କାର୍ଟୁନ୍ ଡଙ୍ଗା ଥିବା ଦେଖିବାକୁ ମିଳିଥିଲା। ପୂର୍ବର ନୌବାଣିଜ୍ୟ ପରମ୍ପରାକୁ ମନେ ପକାଇ ସହରର ବିଭିନ୍ନ ସ୍ଥାନରେ ବୋଇତ ବନ୍ଦାଣ ଉତ୍ସବ ପାଳନ କରାଯାଇଥିଲା। କେତେକ ମନ୍ଦିର ଓ ସାହିରେ ଅନ୍ନ ପ୍ରସାଦ ବଣ୍ଟନ କାର୍ଯ୍ୟ କରାଯାଇଥିଲା। ଅନ୍ୟପକ୍ଷରେ ବିଭିନ୍ନ ଅନୁଷ୍ଠାନ ଓ କ୍ଲବ ପକ୍ଷରୁ ମଧ୍ୟ କାର୍ତ୍ତିକେଶ୍ୱର ପୂଜା ପାଳନ କରାଯାଉଛି। ଏ ନେଇ ବହୁସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ସହ ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।


ଅନୁଗୋଳ ସହର ଜଗନ୍ନାଥ ମନ୍ଦିରରେ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼।


ଅନୁଗୋଳ ବଲାସିଂହା ବାଲିସାହି ଠାରେ କାର୍ତ୍ତିକେଶ୍ୱର ପୂଜା ଅନୁଷ୍ଠିତ ହେଉଛି।


ନାରାୟଣ ସାଗର ପୁଷ୍କରିଣୀ ଠାରେ ଜଣେ ମହିଳା ଡଙ୍ଗା ଭସାଉଛନ୍ତି।

## ଖୁଲୁଡ଼ିରେ ୧୦ ହଜାର ଶ୍ରଦ୍ଧାଳୁ

**ପାଲଲହଡ଼ା,୨୩।୧୧(ଡି.ଏନ.ଏ.)**

ପବିତ୍ର କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ପାଲଲହଡା ଉପଖଣ୍ଡରେ ଥିବା ପ୍ରସିଦ୍ଧ ଖୁଲୁଡି ଗିରିଶ୍ୱର ଶୈବପୀଠରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମାଲ୍ୟଗିରି ପର୍ବତରୁ ବହିଯାଇଥିବା ଝରଣା ପାଣିରେ ଶ୍ରଦ୍ଧାଳୁମାନେ ଡଙ୍ଗା ଭସାଇବା ସହ ଠାକୁରଙ୍କୁ ଦର୍ଶନ କରିଥିଲେ। ଚଳିତ ବର୍ଷ ୧୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ମନ୍ଦିର ଟ୍ରଷ୍ଟ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ପ୍ରଥମ କରି ମନ୍ଦିର ଟ୍ରଷ୍ଟ ପକ୍ଷରୁ ଭଜନ ପରିବେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପାଲଲହଡା ବିଧାୟକ ମହେଶ ସାହୁ, ବ୍ଲକ ଅଧ୍ୟକ୍ଷ ମୁକେଶ କୁମାର ପାଲ, ଜିଲାପରିଷଦ ସଭ୍ୟ ସରୋଜ କୁମାର ସାହୁ, ଉପଜିଲାପାଳ ଅଜିତ୍ କୁମାର ପ୍ରଧାନଙ୍କ ସମେତ ବହୁ ରାଜନେତା, ସାମାଜିକ କର୍ମୀ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଜଣେ ମାଜିଷ୍ଟ୍ରେଟଙ୍କ ସହ ଏକ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିବା ପାଲଲହଡା ଥାନା ଅଧିକାରୀ ପ୍ରଶାନ୍ତ କୁମାର ପାତ୍ର ସୂଚନା ଦେଇଛନ୍ତି।

## ହୋମଯଜ୍ଞ, ପୁରାଣପାଠ

**ଛେଣ୍ଡିପଦା,୨୩।୧୧(ଡି.ଏନ.ଏ.)**

ଛେଣ୍ଡିପଦା ବ୍ଲକ କୋଶଳା ଶିମିଳିସାହି ଗ୍ରାମ ଦର୍ପଣୀ ବନ୍ଧଠାରେ ଥିବା ଶନିଦେବ ମନ୍ଦିର ପରିସରରେ ହୋମଯଜ୍ଞ, ପୁରାଣ ପାଠ ଆଦିର ଆୟୋଜନ କରାଯାଇଥିଲା। ରାତିରେ ଦଣ୍ଡନୃତ୍ୟ ପରିବେଷଣ କରାଯାଇଥିଲା। ସ୍ଥାନୀୟ ଗ୍ରାମବାସୀ ସହଯୋଗ କରିଥିଲେ। ସେହିପରି ବରପଦା, ଲକ୍ଷ୍ମୀଧରପୁର ଗ୍ରାମରେ ଶରତ ରାସ ଉତ୍ସବ ଉପଲକ୍ଷେ ପ୍ରଭୁ ରାଧାକୃଷ୍ଣଙ୍କ ପୂଜାନୀତି କରାଯାଇଥିଲା। ହୋମଯଜ୍ଞ, ପ୍ରସାଦ ସେବନ ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଗ୍ରାମ ପରିଚାଳନା କମିଟି ସହ ଗ୍ରାମବାସୀ ସହଯୋଗ କରିଥିଲେ।

## ପରମ୍ପରା ବଜାୟ ରଖିବାକୁ ଆହ୍ୱାନ


ବଇଣ୍ଡାଠାରେ ପୂଜାର୍ଚ୍ଚନା ପରେ ବୋଇତକୁ ଶୋଭାଯାତ୍ରାରେ ନିଆଯାଉଛି।

**ବଇଣ୍ଡା/ ବଅଁରପାଳ, ୨୩।୧୧(ଡି.ଏନ.ଏ.)**

କିଶୋରନଗର ବ୍ଲକ ବଇଣ୍ଡା କାର୍ତ୍ତିକେଶ୍ୱର ପୂଜା କମିଟି ପକ୍ଷରୁ ଶୁକ୍ରବାର ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏକ ଅସ୍ଥାୟୀ ଡଙ୍ଗାକୁ ପ୍ରଥମେ କାର୍ତ୍ତିକେଶ୍ୱରଙ୍କ ନିକଟରେ ପୂଜାର୍ଚ୍ଚନା କରାଯିବା ପରେ ଶୋଭାଯାତ୍ରାରେ ଚନ୍ଦନ ପୋଖରୀକୁ ନିଆଯାଇଥିଲା। ସେଠାରେ ନୌକା ବିହାର ସହ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଡିଓ ଅମୃତା ପ୍ରିୟମ୍ବଦା ଯୋଗଦେଇ ବୋଇତ ବନ୍ଦାଣ ପରମ୍ପରା ବଜାୟ ରଖିବା ପାଇଁ ଗ୍ରାମବାସୀଙ୍କୁ ଆହ୍ୱାନ ଦେଇଥିଲେ। ଜିଲା ପରିଷଦ ସଦସ୍ୟା ସୁକାନ୍ତୀବାଳା ନାୟକ, ତ୍ରିଧାରା ସାହିତ୍ୟ ସଂସଦ ସମ୍ପାଦକ ରମେଶଚନ୍ଦ୍ର ମିଶ୍ର, ବିଶ୍ୱଯୁବ କେନ୍ଦ୍ରର ମନୋଜ କୁମାର ମହାପାତ୍ର, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ପ୍ରତାପ କୁମାର ପ୍ରଧାନ, ବଇଣ୍ଡା ରାଜସ୍ୱ ଅଧିକାରୀ ଶିଶିର କୁମାର ଧଳସାମନ୍ତ, ପ୍ରବୀଣ ସାହୁ, ସନ୍ତୋଷ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ବଅଁରପାଳ ବ୍ଲକ ବଳରାମପ୍ରସାଦ ତୈଳିକ ସମାଜ ପକ୍ଷରୁ ଶୁକ୍ରବାର ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ସକାଳେ ସନ୍ତୋଷୀ ମା'ଙ୍କ ମନ୍ଦିରରେ ବୋଇତକୁ ପୂଜାର୍ଚ୍ଚନା କରାଯାଇଥିଲା। ପରେ ସାଧବ ବେଶରେ ପୁଅମାନେ ସଜ୍ଜିତ ହୋଇ ବୋଇତରେ ବସି ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ଜିଲାପରିଷଦ ସଭ୍ୟା ମଞ୍ଜୁଲତା ସାହୁ, ସରପଞ୍ଚ ମଧୁଛନ୍ଦା ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସଭାପତି ରୁଦ୍ରପ୍ରତାପ ସାହୁ, ଗୋପୀନାଥ ସାହୁ ପ୍ରମୁଖ ସହଯୋଗ କରିଥିଲେ। ତୈଳିକ ସମାଜର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।


ବଅଁରପାଳ ବ୍ଲକ ବଳରାମପ୍ରସାଦଠାରେ ସାଧବାଣୀ-ସାଧବ ପୁଅମାନେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରୁଛନ୍ତି।






## ସଂକ୍ଷେପରେ

### କୂଅରେ ପଡ଼ି ଯୁବତୀଙ୍କ ମୃତ୍ୟୁ

**ବଅଁରପାଳ,୨୩।୧୧(ଡି.ଏନ.ଏ.)-** ବଅଁରପାଳ ଥାନା ମହୀଧରପୁର ଗ୍ରାମର ଶୁଭଲକ୍ଷ୍ମୀ ନାୟକ (୧୯)ଙ୍କ କୂଅରେ ପଡ଼ି ମୃତ୍ୟୁହୋଇଛି। ଶୁକ୍ରବାର ସକାଳୁ ସେ ଫୁଲ ତୋଳିବାକୁ ଯାଇଥିବାବେଳେ ବଗିଚାରେ ଥିବା କୂଅରେ ଖସି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଅନୁଗୋଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ସଙ୍ଗଠନ ଗଢ଼ିଲେ ମୁକେଶ

**ପାଲଲହଡ଼ା,୨୩।୧୧(ଡି.ଏନ.ଏ.)-** ପାଲଲହଡ଼ା ବ୍ଲକ ଅଧକ୍ଷ ମୁକେଶ କୁମାର ପାଲ ୫୦ଜଣ ଯୁବକଙ୍କୁ ନେଇ 'ମୁକେଶ ସେନା' ଗଠନ କରିଛନ୍ତି। ଖୁଲୁଡି ଗିରିଶ୍ୱର ମନ୍ଦିରରେ ଶୁକ୍ରବାର ସଙ୍ଗଠନ ସମ୍ପର୍କରେ ସୂଚନା ଦେଇ ମୁକେଶ କହିଛନ୍ତି, ପାଲଲହଡ଼ା ଉପଖଣ୍ଡରେ ଏହି ସଙ୍ଗଠନ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କରିବା ସହ ବିପର୍ଯ୍ୟୟ ସମୟରେ ଅସହାୟ ଲୋକଙ୍କ ଲାଗି କାମ କରିବ । ଆଗାମୀ ଦିନରେ ଏକ ହେଲ୍ପଲାଇନ ନମ୍ବର ପ୍ରଚଳନ କରାଯିବ। ଏହା କୌଣସି ରାଜନୈତିକ ସଙ୍ଗଠନ ନୁହେଁ ବୋଲି ପାଲ ସ୍ପଷ୍ଟ କରିଛନ୍ତି।

### ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ

**ତାଳଚେର, ୨୩।୧୧(ନି.ପ୍ର.)-** ତାଳଚେରେ ମଣ୍ଡାପାଳସ୍ଥିତ ସରକାରୀ ଚିକିତ୍ସାଳୟରେ ଗୁରୁବାର ରାତିରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ତାଙ୍କ ପରିଚୟ ମିଳିନାହିଁ। ସମ୍ପୃକ୍ତ ବ୍ୟକ୍ତି ଦୁଇଦିନ ତଳେ ୧୦୮ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ଆସିଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ପୋଲିସ ନଂ. ୫୭/୧୮ ରେ ଅପମୃତ୍ୟ ମାମଲା ରୁଜୁ କରିଛି।

### କୋଇଲା ବୋଝେଇ ଟ୍ରକ୍ ଜବତ, ଜଣେ ଗିରଫ

**ତାଳଚେର,୨୩।୧୧(ନି.ପ୍ର.)-** ଅନନ୍ତ କୋଇଲା ଖଣିର ଟ୍ରାନ୍ସପୋର୍ଟ ରାସ୍ତାରୁ କଲିୟାରୀ ପୋଲିସ ବୁଧବାର ରାତିରେ ଚଢ଼ାଉ କରି ଏକ ଚୋରା କୋଇଲା ବୋଝେଇ ଟ୍ରକ୍ (ନଂ. ଓଆର ୧୯ଏଚ୍-୩୫୨୯) ଜବତ କରିଛି। ଏଥିସହିତ ଚାଳକ କଣିହାଁ ବ୍ଲକ ତାଳପଦା ଗ୍ରାମର ଜିତେନ୍ଦ୍ର ନାୟକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଟ୍ରକରୁ ୧୫ ଟନ୍ କୋଇଲା ଜବତ କରାଯାଇଛି। ଏ ନେଇ ନଂ. ୩୩୭/୧୮ରେ ମାମଲା ରୁଜୁ ହୋଇଛି।

### ଫାଇନାନ୍ସ କର୍ମଚାରୀଙ୍କ ଠାରୁ ଲୁଟ୍

**ବନ୍ତଲା, ୨୩।୧୧ (ଡି.ଏନ.ଏ.)-** ବନ୍ତଲା ଥାନା ବସଲା ଅଞ୍ଚଳରେ ଗୁରୁବାର ଜଣେ ଫାଇନାନ୍ସ କର୍ମଚାରୀଙ୍କଠାରୁ ୪୧ ହଜାର ୫୫୫ ଟଙ୍କା ଲୁଟ୍ ହୋଇଛି। ୫ ଜଣ ଦୁର୍ବୃତ୍ତ ୨ଟି ବାଇକ୍‌ରେ ଆସି ବନ୍ଧୁକ ଦେଖାଇ ଲୁଟ୍ କରିଥିବା କମ୍ପାନୀର ଏରିଆ ମ୍ୟାନେଜର ଦିଲେଶ୍ୱର ନାଏକ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ସମ୍ପୃକ୍ତ କର୍ମଚାରୀ ଓ ଅଭିଯୋଗକାରୀଙ୍କୁ ଏସ୍‌ଡିପିଓଙ୍କ ପାଖକୁ ନେବା ସହିତ ପ୍ରାଥମିକ ତଦନ୍ତ କରିଛି। ଏ ସଂକ୍ରାନ୍ତରେ ନଂ ୨୧୧/୧୮ରେ ଏକ ମାମଲା ରୁଜୁ କରାଯାଇଛି।

### ପୁରୁଣାଗଡ଼-ଜଗନ୍ନାଥପୁର ନୂତନ ରାସ୍ତା

**ବନ୍ତଲା, ୨୩।୧୧ (ଡି.ଏନ.ଏ)-** ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟର ପୁରୁଣାଗଡ଼ ଓ ଜଗନ୍ନାଥପୁର ମଧରେ ନୂତନ ରାସ୍ତା ନିର୍ମାଣ କରାଯିବ। ଆଠମଲ୍ଲିକ ବିଧାୟକ ସଞ୍ଜୀବ ସାହୁ ଏଥିପାଇଁ ପ୍ରସ୍ତାବ ଦେଇଥିଲେ। ପୁରୁଣାଗଡ଼-ମାଣିକଯୋଡ଼ି ଆର୍‌ଡି ରାସ୍ତାକୁ ପୂର୍ତ୍ତ ବିଭାଗକୁ ପରିବର୍ତ୍ତନ କରି ପୁରୁଣାଗଡ଼ରୁ ଜଗନ୍ନାଥପୁର ଗ୍ରାମ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣ କରିବ। ଓଡ଼ିଶା ସରକାରଙ୍କ ୱାର୍କ୍ସ ଡିପାର୍ଟମେଣ୍ଟ ପକ୍ଷରୁ ଚିଠି ନଂ. ୧୪୮୦୫/୨୦୧୮ରେ ଜିଲା ପୂର୍ତ୍ତ ବିଭାଗକୁ ଏ ନେଇ ଅବଗତ କରାଯାଇଛି। ଉକ୍ତ ରାସ୍ତାର ଲମ୍ବ ୧୬.୩ କିମି ରହିବ ଓ ଏହା ପୁରୁଣାଗଡ଼, ମାଣିକଯୋଡ଼ି, ବୃତ୍ତି ଦେଇ ଜଗନ୍ନାଥପୁର ପୂର୍ତ୍ତ ବିଭାଗ ରାସ୍ତାକୁ ସଂଯୋଗ କରିବ। ଏଥିଯୋଗୁ ସ୍ଥାନୀୟ ଲୋକଙ୍କ ପାଇଁ ଅନୁଗୋଳର ଦୂରତା ୧୦ କି.ମି. କମିଯିବ ବୋଲି ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଜଗନ୍ନାଥ ବିଶ୍ୱାଳ କହିଛନ୍ତି।

### ଚାନ୍ଦା ମାଗି ଯୁବକ ଗିରଫ

**ଅନୁଗୋଳ ଅଫିସ, ୨୩।୧୧-** ଅନୁଗୋଳର ତୁରଙ୍ଗରେ ଚାନ୍ଦା ମାଗିବା ଅଭିଯୋଗରେ ଗୋପବନ୍ଧୁ ସାହୁ(୨୮)ଙ୍କୁ ପୋଲିସ ଗିରଫ କରିଛି। ତାଙ୍କ ନିକଟରୁ ଏକ ଭୁଜାଲି ଜବତ କରାଯାଇଥିବା ଥାନାଧିକାରୀ ରମେଶ ଚନ୍ଦ୍ର ବିଶୋଇ ସୂଚନା ଦେଇଛନ୍ତି। ଏ ନେଇ ନଂ. ୮୦୬/୧୮ରେ ମାମଲା ରୁଜୁ ହୋଇଛି। ତୁରଙ୍ଗଙ୍କୁ ଧାର୍ମିକ କାର୍ଯ୍ୟରେ ରନ୍ତଲେଇରୁ ଆସୁଥିବା ଏକ ସଂକୀର୍ତ୍ତନ ମଣ୍ଡଳୀକୁ ଚାନ୍ଦା ମାଗିବା ନେଇ ସୁରେଶ ସାହୁ ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗ ଆଧାରରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

## ■ବଲରାମପୁରରେ ବୈଜୟନ୍ତ

# ମୁଖ୍ୟମନ୍ତ୍ରୀଙ୍କୁ ଭୁଆଁ ବୁଲାଯାଉଛି



ବଲରାମପୁର ବିୟର ବଟ୍‌ଲିଂ ପ୍ଲାଣ୍ଟ ପାଇଁ ଗଛକଟା ଅଞ୍ଚଳରେ ବୈଜୟନ୍ତ ପଣ୍ଡା।

**ଓଡ଼ାପଡ଼ା, ୨୩।୧୧(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ବଲରାମପୁରରେ ବାତିଲ ହୋଇଥିବା ବିୟର ବଟ୍‌ଲିଂ ପ୍ଲାଣ୍ଟ ଅଞ୍ଚଳକୁ ଶୁକ୍ରବାର ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ପରିଦର୍ଶନ କରିଛନ୍ତି। ଜଙ୍ଗଲ ସୁରକ୍ଷା ଶପଥ ନେଇଥିବା ବଲରାମପୁରବାସୀଙ୍କ ସାହସକୁ ସେ ପ୍ରଶଂସା କରିଥିଲେ। ଏହି ଅବସରରେ ସେ କହିଛନ୍ତି, ସେବେକାର ସମୟ ସରିଗଲାଣି। ମୁଖ୍ୟମନ୍ତ୍ରୀଙ୍କ ନାମରେ ଭୁଆଁ ବୁଲାଉଥିବା ବ୍ୟକ୍ତିଙ୍କ ଉପରେ ନିର୍ଭର ନ କରି ମୁଖ୍ୟମନ୍ତ୍ରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ। ଓଡ଼ିଶାରେ ଶିଳ୍ପ ନିହାତି ଦରକାର। ହେଲେ ଜଙ୍ଗଲ କାଟି ଶିଳ୍ପ ସ୍ଥାପନ କରିବା ପରିବର୍ତ୍ତେ ଅବ୍ୟବହୃତ ଜମିକୁ ଏଥିଲାଗି ଚୟନ କରିବା ଉଚିତ ବୋଲି ବୈଜୟନ୍ତ କହିଛନ୍ତି। ତାଙ୍କ ସହିତ ପୂର୍ବତନ ବିଧାୟକ ନବୀନ ନନ୍ଦ, ପୂର୍ବତନ ବ୍ଲକ ଅଧକ୍ଷ ମଳୟ ସିଂ, ଦୀପ୍ତିଶ ପ୍ରସାଦ ପଟ୍ଟନାୟକ, ତ୍ରିନାଥ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ବୈଜୟନ୍ତ ଗଛକଟା ଅଞ୍ଚଳ ବୁଲିବା ସହ ସେଠାକାର ଜୈବ ବିବିଧତା ସମ୍ପର୍କରେ ପଚାରି ବୁଝିଥିଲେ। ଏହାପରେ ଉକ୍ତସ୍ଥାନରେ ଚାରାରୋପଣ କରାଯାଇଥିଲା। ଆଞ୍ଚଳିକ ସୁରକ୍ଷା ଓ ବିକାଶ ମଞ୍ଚର ସଭାପତି ଅମ୍ବିକା ପ୍ରସାଦ ଜେନାଙ୍କ ସଭାପତିତ୍ୱରେ ଗ୍ରାମମଣ୍ଡପରେ ଆୟୋଜିତ ସଭାରେ ସମ୍ପାଦକ ସୁଶାନ୍ତ ଧଳ ଉପସ୍ଥିତ ରହି ଗଛକଟା, ଲୋକଙ୍କ ଉପରେ ହୋଇଥିବା ନିର୍ଯାତନା ସମ୍ପର୍କରେ ଅବଗତ କରାଇଥିଲେ। ମଦ କମ୍ପାନୀ ସ୍ଥାପନ ପଛରେ ହାତ ଥିବା କେତେଜଣ ରାଜନେତା ଗୁରୁବାର ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଧନ୍ୟବାଦ ଦେଇଥିଲେ। ଏହାକୁ ଉଭୟ ସଭାପତି ଏବଂ ସମ୍ପାଦକ ତୀବ୍ର ନିନ୍ଦା କରିଛନ୍ତି। ଚକ୍ରାନ୍ତ କରି ପଞ୍ଚାୟତ ରିଜଲ୍ୟୁଶନ ବଦଳାଇଥିବା ସରପଞ୍ଚଙ୍କୁ ତୁରନ୍ତ ବହିଷ୍କାର କରିବାକୁ ଉଭୟେ ଦାବି କରିଛନ୍ତି। ଶାସକ ଦଳର କେତେଜଣ କୁଚକ୍ରୀ ଗୋଷ୍ଠୀ ପୁଣିଥରେ ମୁଖ୍ୟମନ୍ତ୍ରୀଙ୍କୁ ଠକିବାକୁ ପ୍ରୟାସ କରିଛନ୍ତି ବୋଲି କମିଟି ସଦସ୍ୟ କ୍ଷୀରୋଦ ପାତ୍ର, ମହିଳା ସଙ୍ଗଠନ ସଭାନେତ୍ରୀ ବବିତା ପାତ୍ର ଅଭିଯୋଗ ଆଣିବା ସହ ଗଭୀର ଉଦ୍‌ବେଗ ବ୍ୟକ୍ତ କରିଥିଲେ। ଗଛକଟାରେ ସମ୍ପୃକ୍ତ ବ୍ୟକ୍ତି ଏବଂ ସରକାରୀ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ୱର ଉଠିଥିଲା।

ଅନ୍ୟପଟେ ଗଛକଟା ଅଞ୍ଚଳ ବୁଲି ଗାଁ ମଣ୍ଡପ ଆଡ଼କୁ ବୈଜୟନ୍ତ ଆସୁଥିବାବେଳେ ବାହାର ଅଞ୍ଚଳର ୩ଜଣ ଲୋକ ତାଙ୍କୁ ବିରୋଧ କରିବା ପାଇଁ ଉଦ୍ୟମ କରି ଅଞ୍ଚଳବାସୀଙ୍କ ରୋଷର ଶିକାର ହୋଇଥିଲେ। ସେମାନଙ୍କ ମଧ୍ୟରୁ ଜଣକ କାବୁକରି ଗ୍ରାମବାସୀ ସଦର ପୋଲିସ ଜିମାରେ ଦେଇଛନ୍ତି।

### ଆରମ୍ଭ ହେଲା ଆଞ୍ଚଳିକ ବାଲିଯାତ୍ରା ଉତ୍ସବ

## 'ସହଯୋଗ ମିଳିଲେ ଦୀର୍ଘସ୍ଥାୟୀ ହେବ'

**କାମାକ୍ଷାନଗର, ୨୩।୧୧(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନ ବ୍ଲକ ଅରଖପାଳ ପଞ୍ଚାୟତ ରାମିଆଳ ନଦୀକୂଳରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ୨୫ତମ ଆଞ୍ଚଳିକ ବାଲିଯାତ୍ରା ଓ ବୋଇତ ବନ୍ଦାଣ ଉତ୍ସବ। ଏହି ମହୋତ୍ସବ ୫ଦିନ ଧରି ଚାଲିବ। ବାଲିଯାତ୍ରା କମିଟି ଅଧକ୍ଷ ବିପ୍ରବର ସାହୁଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଅଞ୍ଚଳବାସୀଙ୍କ ସହଯୋଗ ମିଳିଲେ ବାଲିଯାତ୍ରା ଦୀର୍ଘସ୍ଥାୟୀ ହୋଇପାରିବ। ଯାତ୍ରା ବଞ୍ଚିରହିଲେ ଆଞ୍ଚଳିକସ୍ତରରେ ବ୍ୟବସାୟ ବଢ଼ିବ। ଲୋକେ କଟକ ନ ଯାଇ ଏଠାରେ ଯାତ୍ରା ଉପଭୋଗ କରିପାରିବେ ବୋଲି ମନ୍ତ୍ରୀ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ବ୍ଲକ ଅଧକ୍ଷ ଧର୍ମାନନ୍ଦ ବରାଳ ଯୋଗଦେଇ ଉତ୍କଳୀୟ ସଂସ୍କୃତିକୁ ଆଗକୁ ନେଉଥିବାରୁ କାର୍ଯ୍ୟକ୍ରମର ଆୟୋଜକଙ୍କୁ ସାଧୁବାଦ ଜଣାଇଥିଲେ। ଜିଲା ପରିଷଦ ସଭ୍ୟ ପ୍ରବୋଧ କୁମାର ଦାସ, ଅରଖପାଳ ସରପଞ୍ଚ ଭାସ୍କର ସାହୁ, ଯାତ୍ରା କମିଟି ସଭାପତି ଶ୍ରୀଧର ନାୟକ, କୃଷକ ନେତା ବିଷ୍ଣୁଚରଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ସନ୍ନ୍ୟାସୀ ବରାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ■ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତା

# ଢେଙ୍କାନାଳ ପୋଲିସ ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ।

**ଓଡ଼ାପଡ଼ା, ୨୩।୧୧(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଗୁଣ୍ଡିଚାପଡ଼ା ପଞ୍ଚାୟତ ଡେଙ୍ଗବୋରେଇ ଗ୍ରାମରେ ଦୁଇଦିନ ଧରି ଚାଲିଥିବା ସଚ୍ଚିଦାନନ୍ଦ ସ୍ମାରକୀ ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ କଟକକୁ ହରାଇ ସୁପରଟାଇଗର ଢେଙ୍କାନାଳ ପୋଲିସ ଟିମ୍ ଚାମ୍ପିୟନ ହୋଇଛି। ପ୍ରଣବ ବେହେରା ଏବଂ ସୂର୍ଯ୍ୟକାନ୍ତ ବେହେରା ଶ୍ରେଷ୍ଠ ଖେଳାଳିଭାବେ ପୁରସ୍କୃତ ହୋଇଥିଲେ। କୃଷ୍ଣକାନ୍ତ ପଣ୍ଡା, ସୁରେଶ ଚନ୍ଦ୍ର ସାହୁ, ସୁନିତ୍ କୁମାର ସେଠୀ, ସୁରେନ୍ଦ୍ର ନାୟକ, ଲିଙ୍ଗରାଜ ସାହୁ, ପରେଶ ନାୟକ, ଜୟୀରାମ ମାଝି ମ୍ୟାଚ ପରିଚାଳନା କରିଥିଲେ।

ଉଦ୍‌ଯାପନୀ ଉତ୍ସବରେ ବିବେକାନନ୍ଦ ତ୍ରିପାଠୀ, ସଞ୍ଜୀବ ବେହେରା, ସୂର୍ଯ୍ୟକାନ୍ତ ପଣ୍ଡା, ସରୋଜ ନାୟକ, ଭରତ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଟୁର୍ନାମେଣ୍ଟରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୧୪ଟି ଦଳ ଭାଗ ନେଇଥିବାବେଳେ ୨୧ଟି ମ୍ୟାଚ୍ ଖେଳାଯାଇଥିଲା।

## ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ଭୂମିପୂଜା



ଭୂମିପୂଜନ କାର୍ଯ୍ୟକ୍ରମରେ ଅତିଥିମାନେ।

**ପବିତ୍ରନଗର,୨୩।୧୧(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ବ୍ଲକ ବୀରୁ ପଞ୍ଚାୟତ ବୁଲାଝର ଗ୍ରାମରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପବିତ୍ର ପ୍ରଧାନଙ୍କ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ଶୁକ୍ରବାର ଗ୍ରାମର ସରକାରୀ ବିଦ୍ୟାଳୟରେ ଭୂମିପୂଜା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପାଲଲହଡ଼ା ବିଧାୟକ ମହେଶ ସାହୁ ଯୋଗ ଦେଇଥିଲେ। ଶିକ୍ଷାବିତ୍ ସଦାନନ୍ଦ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ନାଲ୍‌କୋର ଧନେଶ୍ୱର ସାହୁ, ସମ୍ମାନିତ ଅତିଥି ଅଧାପକ ପ୍ରମୋଦ ପରିଡା, ପୂର୍ବତନ ସରପଞ୍ଚ ଅକ୍ଷୟ ପ୍ରଧାନ, ଗ୍ରାମ କମିଟି ସଭାପତି ବଂଶୀଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଦୀପ ସାହୁ ମଞ୍ଚ ପରିଚାଳନା କରିଥିଲେ। ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଶିକ୍ଷକ, ଛାତ୍ରୀଛାତ୍ର ପରିଚାଳନାରେ ସହଯୋଗ କରିଥିଲେ।

## ବୋଇତ ବନ୍ଦାଣ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ

**କଣିହାଁ,୨୩।୧୧(ଡି.ଏନ.ଏ.)**

କାର୍ତ୍ତିକ ପୂର୍ଣ୍ଣିମା ଅବସରରେ କଣିହାଁ ବ୍ଲକ ଅଞ୍ଚଳରେ ଥିବା ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ତାଳପଦା, କାକୁଡ଼ିଆ, ଦେନାଳୀ, ବୁରୁବାହାଲ, ମାଳପଶି, ସମଲ, ବଡ଼ତ୍ରିବିଡ଼ା, ଗଣ୍ଡବେରଣା, ପଥରମୁଣ୍ଡା, କମରେଇ, ନାଲମ, ଟାକୁଆ, କଣିହାଁ, ଭୀମକାଣ୍ଡ ଆଦି ଶୈବପୀଠ ଚଳଚଞ୍ଚଳ ହୋଇଉଠିଥିଲା। ବଡ଼ହୀରା ଗ୍ରାମସ୍ଥିତ ସିଦ୍ଧେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ ପରିଚାଳନାରେ ମସୁଣିହତା, ଯୋରଡଙ୍ଗା, ଭୁଇଁପୁର ଏବଂ ବଡ଼ହୀରା ଗ୍ରାମବାସୀ ସହଯୋଗ କରିଥିଲେ। ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତାଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଗୁରୁବାର ଯଜ୍ଞ, ନାମସଂକୀର୍ତ୍ତନ ଏବଂ ଶୁକ୍ରବାର ଠାକୁରଙ୍କ ଚଳନ୍ତି ପ୍ରତିମାକୁ ନଗର ପରିକ୍ରମା କରାଯାଇଥିଲା। ଏହି ଅବସରରେ ଶତାଧିକ ଲୋକ ସାମୂହିକ ପ୍ରସାଦସେବନରେ ଭାଗ ନେଇଥିଲେ। ସେହିପରି ବିଜିଗୋଳ ତୈଳିକ ସମାଜ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଥିଲା। ବ୍ରାହ୍ମଣୀ ନଦୀରେ ମହିଳାମାନେ ବୋଇତ ବନ୍ଦାଣରେ ଭାଗ ନେଇଥିଲେ। ସଭାପତି ନରେନ୍ଦ୍ର ସୁବୁଦ୍ଧି, ସମ୍ପାଦକ ବିଭୂତି ସାହୁ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଗଣ୍ଡବେରଣା ଗ୍ରାମବାସୀ ମଧ୍ୟ ବୋଇତ ବନ୍ଦାଣ ଉତ୍ସବ ପାଳିଛନ୍ତି।

## ■ରାଜ୍ୟସ୍ତରୀୟ ଶିଶୁ ଚକ୍ଷୁ ଶିବିର

# ୯୪ଜଣଙ୍କ ଅସ୍ତ୍ରୋପଚାର




ଚକ୍ଷୁ ଅସ୍ତ୍ରୋପଚାର ଶିବିରରେ ଶିଶୁମାନେ।

**ଢେଙ୍କାନାଳ ଅଫିସ, ୨୩।୧୧**

ଓପେପା, ରାଷ୍ଟ୍ରୀୟ ବାଲସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଏବଂ ସାଇଟ୍ ସେଭର୍ସ ସଂସ୍ଥାର ମିଳିତ ସହଯୋଗରେ ଢେଙ୍କାନାଳ କଳିଙ୍ଗ ଚକ୍ଷୁ ଚିକିତ୍ସାଳୟରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ରାଜ୍ୟସ୍ତରୀୟ ଶିଶୁ ଚକ୍ଷୁ ଅସ୍ତ୍ରୋପଚାର ସପ୍ତାହ। ପ୍ରଥମ ପର୍ଯ୍ୟାୟରେ ଢେଙ୍କାନାଳ, କେନ୍ଦୁଝର, ଯାଜପୁର, ମୟୂରଭଞ୍ଜ, ସୁବର୍ଣ୍ଣପୁର, ବୌଦ୍ଧ, କନ୍ଧମାଳ, ଝାରସୁଗୁଡ଼ା ଜିଲାର ୯୪ଜଣ ଶିଶୁଙ୍କ ଚକ୍ଷୁ ପରୀକ୍ଷା କରାଯାଇଛି। ସେମାନଙ୍କ ମଧ୍ୟରୁ ୬୧ଜଣଙ୍କ ଅସ୍ତ୍ରୋପଚାର କରାଯିବ। ସପ୍ତାହବ୍ୟାପୀ କାର୍ଯ୍ୟକ୍ରମରେ ୪ହଜାରରୁ ଊର୍ଦ୍ଧ୍ୱ ଶିଶୁଙ୍କ ଚକ୍ଷୁ ପରୀକ୍ଷା କରାଯାଇ ଅସ୍ତ୍ରୋପଚାର ଲାଗି ପରାମର୍ଶ ଦିଆଯାଇଛି। ଓପେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭୂପିନ୍ଦର ସିଂ ପୁନିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜ୍ୟର ବିଭିନ୍ନ ବିଦ୍ୟାଳୟରେ ଚକ୍ଷୁ ରୋଗରେ ପୀଡ଼ିତ ଶିଶୁଙ୍କ ଅସ୍ତ୍ରୋପଚାର କରିବାକୁ ଏଭଳି ପଦକ୍ଷେପ ନିଆଯାଇଛି। କଳିଙ୍ଗ ଚକ୍ଷୁ ଚିକିତ୍ସାଳୟରେ ବିନା ମୂଲ୍ୟରେ ଏହି ଅସ୍ତ୍ରୋପଚାର ସେବା ଯୋଗାଇ ଦିଆଯିବ ବୋଲି ଅନୁଷ୍ଠାନର ନିର୍ଦ୍ଦେଶକ ସାରଙ୍ଗଧର ସାମଲ ଜଣାଇଛନ୍ତି। ବିଶେଷଜ୍ଞ ଡା. ଚନ୍ଦ୍ରଶେଖର ସାହୁ, ଡା. ବିଶ୍ୱଜିତ ବରାଳ, ଡା. ରସାନନ୍ଦ ଗଡ଼ନାୟକ ପ୍ରମୁଖ ଶିଶୁଙ୍କ ଚକ୍ଷୁ ପରୀକ୍ଷା କରିଥିବା ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ସୁନୀଲ କୁମାର ମିଶ୍ର ସୂଚନା ଦେଇଛନ୍ତି।

## ଫାଇନାଲରେ କାଣ୍ଡସର, କୁରୁମିଠା

**ବନ୍ତଲା, ୨୩।୧୧ (ଡି.ଏନ.ଏ.)**

ଅନୁଗୋଳ ଜିଲା ବାଲୁଅକଟା କୁମ୍ଭକର୍ଣ୍ଣ ସାହି ରାଧାକୃଷ୍ଣ ପଡ଼ିଆରେ ମା' ହିଙ୍ଗୁଳା କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍‌ରେ କାଣ୍ଡସର ଓ କୁରୁମିଠା ଦଳ ପ୍ରବେଶ କରିଛି। ପ୍ରଥମ ସେମିଫାଇନାଲରେ ପଣ୍ଡପୁର ଦଳ ୭୩ ରନ କରିଥିଲେ। ଜବାବରେ କାଣ୍ଡସର ଆବଶ୍ୟକ ରନ କରି ଫାଇନାଲକୁ ଉନ୍ନୀତ ହୋଇଛି। ସେହିପରି ଦ୍ୱିତୀୟ ସେମିଫାଇନାଲରେ କୁମୁରିସିଂହା ଦଳର ୭୨ ରନ ଜବାବରେ କୁରୁମିଠା କ୍ଲବ ୭୬ ରନ କରି ଫାଇନାଲରେ ପ୍ରବେଶ କରିଛି। ରଞ୍ଜନ ସାହୁ, ଲିଗୁ ଦେହୁରୀ, ପ୍ରକାଶ ଦେହୁରୀ, ବବୁଲୁ ଦେହୁରୀ ଖେଳ ପରିଚାଳନା କରିଥିଲେ। ଅତିଥି ଭାବେ ସାମାଜିକ କର୍ମୀ ଦାଶରଥି ବେହେରା, ବାଲୁଅକଟା ସଭାପତି ଗିରୀଶ ଦେହୁରୀ, କିଶୋରୀ ପ୍ରଧାନ, ବିପିନବିହାରୀ ଦେହୁରୀ ପ୍ରମୁଖ ଯୋଗ ଦେଇଥିଲେ। ଟୁକୁନା ଦେହୁରୀ, ବିଜୟ ଦେହୁରୀଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ରବିବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

## ନାଲ୍‌କୋ ଆନ୍ତଃ ବିଭାଗୀୟ ହକି ଟୁର୍ନାମେଣ୍ଟ



**ବଅଁରପାଳ,୨୩।୧୧(ଡି.ଏନ.ଏ.)**

ନାଲ୍‌କୋ ଷ୍ଟାଡିୟମରେ ନାଲକୋ ଆନ୍ତଃ ବିଭାଗୀୟ ହକି ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ଏଥିରେ ସ୍ମେଲ୍‌ଟର ଓ ସିପିପି ପ୍ଲାଣ୍ଟର ବିଭିନ୍ନ ବିଭାଗରୁ ହକି ଟିମ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍‌ରେ ପଟ୍ ଲାଇନକୁ ୩-୨ ଗୋଲ୍‌ରେ ହରାଇ କାର୍ବନ ଏରିଆ ଚାମ୍ପିୟନ ହୋଇଛି। ମାନବ ସମ୍ବଳ ମହାପ୍ରବନ୍ଧକ ଏସ୍. ଏନ୍ ସାହୁ, ବରିଷ୍ଠ ପ୍ରବନ୍ଧକ ରାଜାରାମ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କ୍ରୀଡ଼ାସେଲ୍‌ର ପ୍ରଭୁପଦ ଦାସ, ବି.କେ. ଦାସ, ବଳରାମ ପ୍ରଧାନ, ସୋମେନ୍ଦ୍ର ସିଂ, ପ୍ରଦୀପ ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ।

## ଏକଦିବସୀୟ କ୍ରିକେଟ୍: ବଇଶିଣା ଚାମ୍ପିୟନ




ଅତିଥି ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

**ବଇଣ୍ଡା,୨୩।୧୧(ଡି.ଏନ.ଏ.)**

କିଶୋରନଗର ବ୍ଲକ କଟରଙ୍ଗା ପଞ୍ଚାୟତ ଖେଳ ପଡ଼ିଆରେ ବିଜୁ ଯୁବ ବାହିନୀ ପକ୍ଷରୁ ଏକଦିବସୀୟ କ୍ରିକେଟ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚରେ କଟରଙ୍ଗା କ୍ରିକେଟ କ୍ଲବକୁ ହରାଇ ବଇଶିଣା କ୍ଲବ ଚାମ୍ପିୟନ ହୋଇଛି। ପ୍ରଥମେ ବ୍ୟାଟିଂ କରି ବଇଶିଣା ୯୯ ରନ୍ କରିଥିଲା। ଜବାବରେ କଟରଙ୍ଗା ୬୭ ରନ କରି ପରାଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସଞ୍ଜୀବ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ନିର୍ମଳ ପ୍ରଧାନ, ମୀନକେତନ ବେହେରା, ରାଜକୁମାର ସାହୁ, ହରି ସାହୁ, ଯଶୋବନ୍ତ ପ୍ରଧାନ, ସୁରେନ୍ଦ୍ର ମାଝି ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ଟେବୁଲ ଟେନିସ୍ ଚାମ୍ପିୟନଶିପ୍ ଉଦ୍‌ଯାପିତ

**ତାଳଚେର,୨୩।୧୧(ନି.ପ୍ର.)**




ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ।

ଏନ୍‌ଟିପିସି କଣିହାଁ ସ୍ପୋର୍ଟ୍ସ କାଉନ୍‌ସିଲ ଏବଂ ଓଡ଼ିଶା ଷ୍ଟେଟ ଟେବୁଲ ଟେନିସ୍ ଆସୋସିଏଶନ ପକ୍ଷରୁ ଏନ୍‌ଟିପିସି ରିକ୍ରେସନହଲରେ ରାଜ୍ୟସ୍ତରୀୟ ଟେବୁଲ ଟେନିସ ଚାମ୍ପିୟନଶିପ୍-୨୦୧୮ ଉଦ୍‌ଯାପିତ ହୋଇଯାଇଛି। ବିଭିନ୍ନ ଜିଲାରୁ ୩୫୦ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ମହାପ୍ରବନ୍ଧକ ସନ୍ତୋଷ ଜେମ୍‌ସ ଅତିଥିଭାବେ ଯୋଗଦେଇ କହିଲେ, ଏପରି ପ୍ରତିଯୋଗିତା ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ଖେଳାଳି ସୃଷ୍ଟି ପାଇଁ ସୁଯୋଗ ତିଆରି କରିବ। ଅନ୍ୟମାନଙ୍କ ମଧରେ ଜେନେରାଲ ମ୍ୟାନେଜର ରମେଶ ସିହ୍ନା, ନବୀନ ବାଗି, ଏଜିଏମ୍ କେ.ଏସ. ଶର୍ମା, ଓଡ଼ିଶା ଷ୍ଟେଟ ଟେବୁଲ ଟେନିସ୍ ଆସୋସିଏଶନ ସମ୍ପାଦକ ରବୀନ୍ଦ୍ର କୁମାର ପରିଡା, ସ୍ପୋର୍ଟ୍ସ କାଉନସିଲ ସମ୍ପାଦକ ରଞ୍ଜନ ଶତପଥୀ, ୟୁନିୟନ ପ୍ରତିନିଧିଗଣ, ବରିଷ୍ଠ ପଦାଧକାରୀ ଉପସ୍ଥିତ ଥିଲେ।

ପୁରୁଷ ସିଙ୍ଗଲ୍‌ସରେ ଚାମ୍ପିୟନ ତୌସିଫ ହେଗ, ମହିଳା ସିଙ୍ଗଲ୍‌ସରେ ଚାମ୍ପିୟନ ମୌୟୂରୀ ଚାଟାର୍ଜୀ, ୟୁଥ୍ ବଏଜ ସିଙ୍ଗଲ୍‌ସରେ ଚାମ୍ପିୟନ ଏମ.ଈଶ୍ୱର ରାଓ, ଜୁନିୟର ବଏଜ ସିଙ୍ଗଲ୍‌ସରେ ସହିଲ ସୁମନ ଭୂୟାଁ, ଜୁନିୟର ଗାର୍ଲସ ସିଙ୍ଗଲ୍‌ସରେ ଶେତପଦ୍ମା ଦଳେଇ, ସବ ଜୁନିୟର ବଏଜ ସିଙ୍ଗଲ୍‌ସରେ ସହିଲ ସୁମନ ଭୂୟାଁ, ସବଜୁନିୟର ଗାର୍ଲସ ସିଙ୍ଗଲ୍‌ସରେ ଶ୍ୱେତପଦ୍ମା ଦଳେଇ, କ୍ୟାଡେଟ ଗାର୍ଲସ ସିଙ୍ଗଲ୍‌ସରେ ଶ୍ୱେତପଦ୍ମା ଦଳେଇ, ଭେଟରାନ ସି୍ଗଲସରେ ମହମଦ ପୁରସ୍କୃତ ହୋଇଥିଲେ।

## ସଂକ୍ଷେପରେ

### କୁଲାଡ଼ ମହିମା ଟୁଙ୍ଗିରେ କାର୍ତ୍ତିକ ଉତ୍ସବ

ବଅଁରପାଳ,୨୩।୧୧ (ଡି.ଏନ୍.ଏ.)- ପବିତ୍ର କାର୍ତ୍ତିକ ଚତୁର୍ଦ୍ଦଶୀ ଅବସରରେ କୁଲାଡ଼ ମହିମା ଟୁଙ୍ଗି ପରିସରରେ ଅଖଣ୍ଡବତୀ ପ୍ରଜ୍ୱଳନ ଓ ବ୍ରହ୍ମଧୁନି ସ୍ଥାପନ କରାଯାଇଥିଲା। ସନ୍ଧ୍ୟା ମୁହୂର୍ତ୍ତରେ ଶୂନ୍ୟମନ୍ଦିର ପ୍ରାଙ୍ଗଣରେ ୨୧ ଶାଖା ବିଶିଷ୍ଟ ଝାଡ଼ବତୀରେ ବାବା ରବି ଦାସ ଅଖଣ୍ଡବତୀ ପ୍ରଜ୍ୱଳନ କରି ବିଶ୍ୱବ୍ରହ୍ମାଣ୍ଡର ମଙ୍ଗଳ ନିମନ୍ତେ ଘୃତାହୁତି ଦେଇଥିଲେ। ଶୁକ୍ରବାର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଅନ୍ନଭିକ୍ଷାର ଆୟୋଜନ କରାଯାଇଥିଲା। ମହାନିତ୍ୟ ମହିମା ସମାଜ ତରଫରୁ ଭକ୍ତ ପ୍ରେମାନନ୍ଦ ସେଠ, ରାଜେଶ ଜେନା, ବୈରାଜୀ ସେଠ, ପ୍ରଫୁଲ୍ଲ ସେଠ, ପ୍ରସନ୍ନ ସେଠ, ପ୍ରକାଶ ଚନ୍ଦ୍ର ଜେନା, ପରେଶ ଜେନା, ଗଦାଧର ସେଠ, ମନୋଜ ଜେନା ପ୍ରମୁଖ ସହଯୋଗ କରିଥିଲେ।

## ନବକୃଷ୍ଣ ଚୌଧୁରୀଙ୍କ ୧୧୭ ତମ ଜୟନ୍ତୀ

# 'ଶିକ୍ଷକ ଜୀବନକୁ ସମାଜ ଉପଯୋଗୀ କର'

**ଅନୁଗୋଳ ଅଫିସ, ୨୩।୧୧**

ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ୧୧୭ ତମ ଜୟନ୍ତୀ ଅନୁଗୋଳସ୍ଥିତ ନବକୃଷ୍ଣ ଚୌଧୁରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ପାଳିତ ହୋଇଯାଇଛି। ଅନୁଗୋଳ ପୋଲିସ ତାଲିମ କେନ୍ଦ୍ରର ଡିଆଇଜି ନରସିଂହ ଭୋଳ ମୁଖ୍ୟ ଅତିଥି ଓ ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପିକା ଡ. ରମାମଞ୍ଜରୀ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅଧ୍ୟକ୍ଷା ଡ. ପୁଷ୍ପଲତା ସାହୁ ସଭାପତିତ୍ୱ କରିଥିଲେ। ଛାତ୍ର ପରିଷଦ ଉପଦେଷ୍ଟା ଡ.ଦ୍ରୌପଦୀ ପଟେଲ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟବକ୍ତା ଡ. ରମାମଞ୍ଜରୀ ନବକୃଷ୍ଣଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜ ଶିକ୍ଷକ ଜୀବନକୁ ସମାଜ ଉପଯୋଗୀ କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟ ଅତିଥି ଡିଆଇଜି ଭୋଳ ଦାୟିତ୍ୱବାନ ଶିକ୍ଷକ ଭାବେ ନିଜକୁ ଗଢ଼ି ତୋଳିବା ପାଇଁ ପରାମର୍ଶ ଦେଇଥିଲେ। ନାଟ୍ୟ ସଂସଦ ଉପଦେଷ୍ଟା ଡ.ପୂର୍ଣ୍ଣଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ନବକୃଷ୍ଣଙ୍କ ଜୀବନୀ ଓ ସମାଜକୁ ତାଙ୍କ ଅବଦାନ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଛାତ୍ର ସଂସଦ ସଭାପତି, ଉପସଭାପତି ଓ ସାଧାରଣ ସମ୍ପାଦକ ସହଯୋଗ କରିଥିଲେ।


ଜୟନ୍ତୀ ଅବସରରେ କୃତୀ ଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

# ସହର ପରିକ୍ରମା କଲା ବିଶାଳ ଶୋଭାଯାତ୍ରା

**ଅନୁଗୋଳ ଅଫିସ, ୨୩।୧୧**

ମହାନ ବିପ୍ଳବୀ, ଜନନାୟକ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ଅବସରରେ ବାଜି ରାଉତ ଛାତ୍ରାବାସ, ପୁରାତନ ଛାତ୍ର ସଂସଦ, ଚମ୍ପତିମୁଣ୍ଡାସ୍ଥିତ ଜୀବନ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ, ରାଷ୍ଟ୍ରୀୟ ଯୁବ ସଙ୍ଗଠନ ଓ ଉତ୍କଳ ନବଜୀବନ ମଣ୍ଡଳର ମିଳିତ ଆନୁକୂଲ୍ୟରେ ଏକ ବିରାଟ ମୋଟର ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଚମ୍ପତିମୁଣ୍ଡା ଜୀବନ ବିଦ୍ୟାଳୟ ଠାରୁ ବାହାରିଥିବା ଏହି ଶୋଭାଯାତ୍ରାକୁ ବିଭିନ୍ନ ସ୍ଥାନରେ ସମ୍ବର୍ଦ୍ଧନା ଦିଆଯାଇଥିଲା। ସହରର ଗାନ୍ଧୀମାର୍ଗ, ବସ୍‌ଷ୍ଟାଣ୍ଡ, ଗାନ୍ଧୀପାର୍କ ଓ କଲେଜ ଛକ ଦେଇ ଶୋଭାଯାତ୍ରା ଯାଇଥିଲା। ସ୍ୱୟଂଶାସିତ ମହାବିଦ୍ୟାଳୟର ଏନ୍‌ସିସି କ୍ୟାଡେଟ୍‌ମାନେ ପରେଡ ପ୍ରଦର୍ଶନ କରିଥିଲେ। ବାଜି ରାଉତ ଛାତ୍ରାବାସ ସମ୍ପାଦକ କୃଷ୍ଣା ମହାନ୍ତି, ଛାତ୍ରୀଛାତ୍ର ଓ ଅନ୍ତେବାସୀମାନେ ନବମାଳତୀ ରଥକୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ସାମାଜିକ କର୍ମୀ ଲିପିକା ମହାପାତ୍ରଙ୍କ ନେତୃତ୍ୱରେ ଛାତ୍ରାବାସ ଛାତ୍ରୀମାନେ ବିପ୍ଳବୀ ସଙ୍ଗୀତ ଗାନ କରିଥିଲେ। ଭାବଗ୍ରାହୀ ନାଏକ, ସୁଶାନ୍ତ ତ୍ରିପାଠୀ, ପର୍ଶୁରାମ ଦାଶ, ଆଦିତ୍ୟ ମିଶ୍ର, ବ୍ରହ୍ମଜ୍ୟୋତି ମିଶ୍ର, କୈଳାସ ଚନ୍ଦ୍ର ସାହୁ, ସୁଶାନ୍ତ ପାଳଶର୍ମା, ବିଦେଶୀ ନାଏକ, ସୂର୍ଯ୍ୟନାରାୟଣ ନାଥ ଓ ନବଜୀବନ ମଣ୍ଡଳ ସମ୍ପାଦକ ମୁରଲୀଧର ମୂଳିଆ ଶୋଭାଯାତ୍ରା ପରିଚାଳନା କରିଥିଲେ। ପଞ୍ଚମହଲା ନିକଟରେ ନବଜୀବନ ମଣ୍ଡଳର ସାଧାରଣ ସମ୍ପାଦକ ଶିବରାମ ମିଶ୍ର ଶୋଭାଯାତ୍ରା ଦଳକୁ ସ୍ୱାଗତ କରିଥିଲେ।

# କ୍ଲବ ନୂତନ ଗୃହ ଉଦ୍‌ଘାଟିତ


ଅତିଥିମାନଙ୍କୁ ସମ୍ମାନିତ କରାଯାଉଛି।

**ବନ୍ତଳା, ୨୩।୧୧ (ଡି.ଏନ.ଏ.)**

ଅନୁଗୋଳ ବ୍ଲକ ରନ୍ତଲେଇ ଉତ୍କଳ କ୍ଲବର ନୂତନ ଗୃହ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। କ୍ଲବର ୫୦ ସଦସ୍ୟ ନିଜସ୍ୱ ପାଣ୍ଠିରୁ ୮ ଲକ୍ଷ ଟଙ୍କାରେ ଉକ୍ତ ଗୃହ ନିର୍ମାଣ କରିଛନ୍ତି। ଅତିଥି ଭାବେ ପ୍ରତାପ ପ୍ରଧାନ, ବିପ୍ଳବ ଜେନା, ରନ୍ତଲେଇ ସରପଞ୍ଚ ପ୍ରମୋଦ ବେହେରା, ଗ୍ରାମ ସଭାପତି ଶରତ ଚନ୍ଦ୍ର ସାସମଲ, ସମ୍ପାଦକ ଅମୂଲ୍ୟ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସଭାପତି ଶତ୍ରୁଘ୍ନ ସାସମଲ, ଉପସଭାପତି ବିପିନି ବିଶ୍ୱାଳଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଉଦ୍‌ଘାଟନ ଅବସରରେ ଗ୍ରାମର ୩ ହଜାରରୁ ଅଧିକ ଗ୍ରାମବାସୀଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

# ନିରାଡ଼ମ୍ବରରେ ବୋଇତ ବନ୍ଦାଣ ଉତ୍ସବ


ଉତ୍ସବରେ ଉପସ୍ଥିତ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି।

**ତାଳଚେର,୨୩।୧୧(ନି.ପ୍ର.)**

ରଥଯାତ୍ରା ଭଜନ ସନ୍ଧ୍ୟା କମିଟି ପକ୍ଷରୁ ଶୁକ୍ରବାର ବୋଇତ ବନ୍ଦାଣ ଉତ୍ସବ ନିରାଡମ୍ବରରେ ପାଳନ କରାଯାଇଛି। ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ବ୍ରଜକିଶୋର ପ୍ରଧାନ, ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ, ପୂର୍ତ୍ତ ବିଭାଗ ଏସ୍‌ଡିଓ ଦାମୋଦର କୈବର୍ତ୍ତ ଯୋଗ ଦେଇଥିଲେ। କଟକ ବସ୍ ଦୁର୍ଘଟଣାରେ ମୃତ ଯାତ୍ରୀଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା ସହ ଆହତଙ୍କ ଆଶୁ ଆରୋଗ୍ୟ ପାଇଁ ଜଗନ୍ନାଥ ମନ୍ଦିରରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଭଜନ ସନ୍ଧ୍ୟା କମିଟି ସଭାପତି ସଞ୍ଜୀବ ପଟ୍ଟନାୟକ, କମଳକାନ୍ତ ଜେନା, ସୁଧୀର ସାମନ୍ତ, ଲିପୁନା ଭୁକ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ଖୋଲା ଜାଗାରେ ଶୌଚ ନ କରିବାକୁ ପରାମର୍ଶ


ବିଜୁ ଯୁବ ବାହିନୀ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

**ବଇଣ୍ଡା,୨୩।୧୧(ଡି.ଏନ.ଏ.)**

ପରିଷ୍କାର, ପରିଚ୍ଛନ୍ନ ରହିଲେ ରୋଗ ଦୂରେଇ ଯିବ। ତେଣୁ ବାହାରେ ଶୌଚ ନ ହୋଇ ସରକାର ସ୍ୱଚ୍ଛ ଭାରତ ଯୋଜନାରେ ଯୋଗାଉଥିବା ପାଇଖାନା ବ୍ୟବହାର କରନ୍ତୁ ବୋଲି ଗୁରୁବାର କିଶୋରନଗର ବ୍ଲକ ଲୁହାମୁଣ୍ଡା ବିଜୁ ଯୁବ ବାହିନୀ ପକ୍ଷରୁ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଅତିଥିମାନେ ଏହା କହିଛନ୍ତି। ସଭାପତି ଅନ୍ତର୍ଯ୍ୟାମୀ ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧୋବେଇ ବେହେରା ଯୋଗଦେଇ ବିଜୁ ଯୁବ ବାହିନୀର ଏଭଳି ସଚେତନତା କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ସମସ୍ତ ସଦସ୍ୟ ଏକ ଶୋଭାଯାତ୍ରାରେ ବାହାରି ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ। ବୃଷଭ କୁମାର ସାହୁ, ପ୍ରଶାନ୍ତ ସାହୁ, ମନୋଜ କୁମାର ବିଶ୍ୱାଳ, ଟୁକୁନା ପ୍ରଧାନ, ମୃତ୍ୟୁଞ୍ଜୟ ବିଶ୍ୱାଳ, ଅରବିନ୍ଦ ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ।



